ପ୍ରେସ୍ ନୋଟ୍

# ଉଦ୍‌ଘାଟନ ହେଲା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ରୋଷେଇଗୃହ ।

ଅନୁଗୋଳ,ତା.୦୧.୯:- ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଅନ୍ତେବାସୀ ରୋଗୀମାନଙ୍କୁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ଖାଦ୍ୟ ପ୍ରସ୍ତୁତ କରି ପ୍ରଦାନ କରିବା ନିମନ୍ତେ ଆଜି ପୂର୍ବାହ୍ନରେ ଜିଲ୍ଲାପାଳ ଶ୍ରୀ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଦ୍ୱାରା ରୋଷେଇ ଗୃହକୁ ଉଦ୍‌ଘାଟନ କରାଯାଇଛି । ଉତ୍ତମ ମାନର ଖାଦ୍ୟ ପ୍ରସ୍ତୁତ କରି ସଠିକ୍ ସମୟରେ ଅ ନ୍ତେବାସୀ ରୋଗୀମାନଙ୍କୁ ପ୍ରଦାନ କରିବାକୁ ଜିଲ୍ଲାପାଳ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନଙ୍କୁ ପରାମର୍ଶ ଦେଇଛନ୍ତି । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଏବଂ ମିଶନ ଶକ୍ତିର ମିଳିତ ସହଯୋଗରେ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟରେ ବଣିଆବାହଲର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର 'ନାରୀଶକ୍ତି' ଏକ ବର୍ଷ ପାଇଁ ଖାଦ୍ୟ ପ୍ରଦାନ କରିବା ଦାୟିତ୍ୱ ଦିଆଯାଇଛି । ପ୍ରତ୍ୟହ ଅନ୍ତେବାସୀ ରୋଗୀମାନଙ୍କୁ ୩୦୦ଟି ଲେଖାଏଁ ସକାଳ ଜଳଖିଆ, ମଧ୍ୟାହ୍ନ ଭୋଜନ ଓ ରାତ୍ର ଭୋଜନ ଏହିପରି ୯୦୦ଟି ଭୋଜନ ପ୍ରସ୍ତୁତ କରି ପ୍ରଦାନ କରିବ । ଏହି ରୋଷେଇ ବାବଦ ସମସ୍ତ ଖର୍ଚ୍ଚ ପ୍ରତ୍ୟେକ ମାସର ଶେଷରେ ଚିକିତ୍ସାଳୟ ତରଫରୁ ପ୍ରଦାନ କରାଯିବ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ଲଳିତ ମୋହନ ବେହେରା, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ତ୍ରିଲୋଚନ ପ୍ରଧାନ, ମିଶନ ଶକ୍ତିର ଜିଲ୍ଲା ପ୍ରକଳ୍ପ ସଂଯୋଜକ ଶ୍ରୀ ବସନ୍ତ କୁମାର ମଲ୍ଲିକ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ 'ନାରୀଶକ୍ତିର ସଦସ୍ୟା ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର କର୍ମଚାରୀମାନେ ଉପସ୍ଥିତ ଥିଲେ ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ, ଅନୁଗୋଳ ।

ଜ୍ଞାପକ ସଂଖ୍ୟା- ୪୯୦ ତା.୦୧.୦୯.୨୦୨୨

ଏହାର ଏକକିତା ନକଲ ସମସ୍ତ ଜିଲ୍ଲା ସ୍ତରୀୟ ସାମ୍ବାଦିକଙ୍କ ସଦୟ ଅବଗତି ଓ ଏହାର ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଅନୁଗୋଳ ।




ରୋଷେଇ ଗୃହ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଅନୁଗୋଳ
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଏବଂ ମିଶନ୍ ଶକ୍ତି
ଓଡ଼ିଶା ସରକାର ଙ୍କ ସହଭାଗିତାରେ
ପରିଚାଳନା :- ନାରୀଶକ୍ତି ସ୍ୱୟଂ ସହାୟକ ଗୋଷ୍ଠି
ବଣିଆ ବାହାଳ , ଅନୁଗୋଳ